# ୩ ବାଲି ବୋଝେଇ ହାଇୱା ଜବତ



**ମହୁଲଡିହା, ୫।୫ (ସମିସ):** ଠାକୁରମୁଣ୍ଡା ବ୍ଲକ ୫୩ ନମ୍ବର ରାଜ୍ୟ ରାଜପଥରେ ଆନନ୍ଦପୁର ଆଡୁ ବୈତରଣୀ ନଦୀର ବାଲି ଚୋରାରେ ବୋଝେଇ କରି ଆସୁଥିବା ତିନୋଟି ହାଇୱାକୁ ଖଣି ବିଭାଗ ପକ୍ଷରୁ ଜବତ କରି ୨ଟି ମହୁଲଡିହା ଥାନାରେ ଓ ଗୋଟିଏ ଠାକୁରମୁଣ୍ଡା ଥାନାରେ ଅଟକ ରଖାଯାଇଛି । ଆଜି ସକାଳ ପ୍ରାୟ ୫ଟା ସମୟରେ ଖଣି ବିଭାଗ ଦ୍ୱାରା ଦୁଇଟି ହାଇୱା ମହୁଲଡିହା ହାଇସ୍କୁଲ ଛକରୁ ଓ ଗୋଟିଏ ଠାକୁରମୁଣ୍ଡା ଥାନା ଅଞ୍ଚଳରେ ଯାଞ୍ଚ କରାଯାଇଥିଲା । ଏହି ସମୟରେ ଆବଶ୍ୟକ କାଗଜ ପତ୍ର ନ ଥିବାରୁ ହାଇୱା ତିନୋଟିକୁ ଜବତ କରି ଉଭୟ ଥାନାରେ ଅଟକ ଥିବା ଉଭୟ ଥାନା ପୁଲିସ ସୂତ୍ରରୁ ଜଣାପଡ଼ିଛି ।

# ରାସ୍ତା ଓ ପୋଲ ନିର୍ମାଣ ପାଇଁ ବିଡିଓଙ୍କୁ ଦାବିପତ୍ର

**ମହୁଲଡିହା, ୫।୫ (ସମିସ):** ଠାକୁରମୁଣ୍ଡା ବ୍ଲକ ତରାମରା ଗ୍ରାମ ପଞ୍ଚାୟତର ପାଳିଆ ସାହିକୁ ରାସ୍ତା ଓ ପୋଲ ନିର୍ମାଣ ପାଇଁ ସାହି ଲୋକ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ତରାମରା ଗ୍ରାମର (ପାଳିଆ ସାହି)ରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି । ଲୋକଙ୍କ ଜୀବିକା କହିଲେ ଚାଷ ଓ ଜଙ୍ଗଲ ଜାତ ଦ୍ରବ୍ୟ । ସାହିକୁ ରାସ୍ତା ନ ଥିବାରୁ ଯୋଗାଯୋଗରେ ଘୋର ସମସ୍ୟା ହେଉଛି । ଏପରିକି କେହି ଅସୁସ୍ଥ ହେଲେ ଆମ୍ବୁଲାନ୍ସ ପହଞ୍ଚି ପାରେନାହିଁ । ଗୋଟିଏ ପଟେ ନାଳ ଉପରେ ପୋଲ ନିର୍ମାଣ ହେଲେ ତରାମରାକୁ ୧ କିଲୋମିଟର ରାସ୍ତା ହେବ । ସେହିପରି ଡଙ୍ଗାତୁଆ ପଟକୁ ଗଲେ ୨ କିଲୋମିଟର ଦୂର ହେବ । ଡଙ୍ଗାତୁଆ ପଟ ରାସ୍ତାଟି ଅଧାରେ ଅଟକି ରହିଛି । ସାହି ବାସିନ୍ଦା ୨୦୨୫ ଡିସେମ୍ବର ୨୯ ତାରିଖ ଓ ୨୦୨୪ ଡିସେମ୍ବର ୩୦ ତାରିଖରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କୌଣସି ସମାଧାନର ବାଟ ବାହାରି ପାରିନାହିଁ । ୨୦୨୬ରେ ମଧ୍ୟ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ସୁଫଳ ନ ମିଳିବାରୁ ପୁନର୍ବାର ସେମାନେ ଠାକୁରମୁଣ୍ଡା ବ୍ଲକ ବିଡିଓଙ୍କୁ ସାକ୍ଷାତ କରି ଅଭିଯୋଗ ପତ୍ର ଦାଖଲ କରିଛନ୍ତି ।



# ବାଲ୍ୟ ବିବାହ ବନ୍ଦ କଲା ପୁଲିସ



**ଉଦଳା, ୫।୫ (ସମିସ):** ସାଜସଜ୍ଜା ସରିଥିଲା ଓ ବାହାଘର ପାଇଁ ବର ଆସି ଗାଁ ମୁଣ୍ଡରେ ପହଞ୍ଚିଯାଇଥିଲା । ବାଲ୍ୟ ବିବାହ ହେଉଥିବା ଖବର ପାଇ ଗାଁରେ ପହଞ୍ଚି ବାହାଘର ବନ୍ଦ କରିବା ସହିତ କନ୍ୟାକୁ ଥାନାକୁ ଆଣିଛି ପୁଲିସ । କନ୍ୟା ନାବାଳିକା ହୋଇଥିବାରୁ ଏପରି ପରିସ୍ଥିତି ହୋଇଛି । ଉଦଳା ଥାନା ଡାଙ୍ଗରତୁଆ ଗ୍ରାମରେ ଏଭଳି ଘଟଣା ଘଟିଛି । ଗ୍ରାମରେ ଜଣେ ନାବାଳିକାଙ୍କ ବାଲ୍ୟ ବିବାହ ହେଉଥିବା ଖବର ପାଇବା ପରେ ସମନ୍ୱିତ ମହିଳା ଓ ଶିଶୁ ବିକାଶ ବିଭାଗର ସୁପରଭାଇଜର ଉଦଳା ପୁଲିସ ସହାୟତାରେ ଚଢ଼ଉ କରିଥିଲା । ଚଢ଼ଉ କରି ନାବାଳିକାର ସମସ୍ତ ଦସ୍ତାବିଜ ଯାଞ୍ଚ କରିଥିଲା । ଦସ୍ତାବିଜ ଯାଞ୍ଚ କରିବା ପରେ ନାବାଳିକାଙ୍କ ବୟସ ୧୭ ବର୍ଷ ହୋଇଥିବା ଜାଣିବାକୁ ପାଇଥିଲେ । ପରେ ପୁଲିସ ଉକ୍ତ ନାବାଳିକାକୁ ସାଙ୍ଗରେ ନେଇ ଥାନାକୁ ଆଣିଥିବାବେଳେ ବାହାଘର ବନ୍ଦ କରାଯାଇଥିବା ଜଣାପଡ଼ିଛି ।

# ମଦ ଜବତ, ୩ ଗିରଫ

**କୁଆମରା, ୫।୫ (ସମିସ):** ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଜଣେ ମହିଳାଙ୍କ ସମେତ ତିନି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏଥିସହ ମୋଟ ୪୩ ଲିଟର ମଦ ଜବତ ହୋଇଛି । ଏହି ଥାନା ଅନ୍ତର୍ଗତ ଖୁଣ୍ଟା ଡାହି ଗ୍ରାମର ମଙ୍ଗଲ ସିଂ (୪୭)ଙ୍କଠାରୁ ୧୨ ଲିଟର, କୁଆମରା ଗ୍ରାମର ଜଗନ୍ନାଥ ସିଂ (୫୨)ଙ୍କଠାରୁ ୧୫ ଲିଟର ଓ କାଳିଆପଦା ଗ୍ରାମର ବନ୍ଦନା ସିଂ (୨୮)ଙ୍କଠାରୁ ୧୬ ଲିଟର ମଦ ଜବତ ହୋଇଛି । ଅଭିଯୁକ୍ତଙ୍କ ବିରୋଧରେ ପୃଥକ ମାମଲା ରୁଜୁ ହୋଇଛି । ଚଢ଼ଉରେ ଏଏସ୍ଆଇ କୃଷ୍ଣସୁନ୍ଦର ସେଠୀ, ନିରଞ୍ଜନ ମହାନ୍ତ, କିଶୋର ଚନ୍ଦ୍ର ସୋରେନ, ଦୀପାଞ୍ଜଳି ଦାସ ପ୍ରମୁଖ ସାମିଲ ଥିଲେ ।

**ଶିକ୍ଷକଙ୍କୁ ଅପମାନ ଓ ବିପର୍ଯ୍ୟସ୍ତ ଭିତ୍ତିଭୂମିର ପ୍ରତିବାଦ**

# ୫୦୦ରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିଶାଳ ଶୋଭାଯାତ୍ରା

**ବାରିପଦା, ୫।୫ (ସମିସ):**

ମୟୂରଭଞ୍ଜ ଜିଲ୍ଲା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା ବିଦ୍ୟାଳୟରେ ବଢୁଥିବା ଅରାଜକତା, ଅଧିକାରୀଙ୍କ ଦୁର୍ବ୍ୟବହାର ଓ ବିପର୍ଯ୍ୟସ୍ତ ଭିତ୍ତିଭୂମି ବିରୋଧରେ ଆଜି ଶିକ୍ଷକ ସମାଜ ରାଜପଥକୁ ଓହ୍ଲାଇଛି । ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ, ମୟୂରଭଞ୍ଜ ଶାଖା ପକ୍ଷରୁ ଆଜି ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

ଜିଲ୍ଲା ମଙ୍ଗଳ ଅଧିକାରୀ (ଡିଡବ୍ଲୁଓ)ଙ୍କ କାର୍ଯ୍ୟାଳୟରୁ ବାହାରି ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ଯେଉଁଥିରେ ଜିଲ୍ଲାର ପ୍ରାୟ ୫୦୦ରୁ ଅଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ସାମିଲ ହୋଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ହଷ୍ଟେଲ ପରିଚାଳନା ଦାୟିତ୍ୱରୁ ମୁକ୍ତି ପାଇଁ ଚେତାବନୀ ଦେବା ସହିତ 'ଆମେ ଶିକ୍ଷାଦାନ ପାଇଁ ନିଯୁକ୍ତ, ରୋଷେଇ ବା ବାସନ ସଫା ପାଇଁ ନୁହେଁ' ଏହି ଜିଦ୍‌ରେ ଅଟଳ ରହିଛି ସଂଘ । ହଷ୍ଟେଲ ପରିଚାଳନା ଦାୟିତ୍ୱ ଯୋଗୁଁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି ଓ ଶିକ୍ଷକମାନେ ମାନସିକ ନିର୍ଯାତନାର ଶିକାର ହେଉଛନ୍ତି । କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ଘଟିଥିବା ଅଭାବନୀୟ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଓ ଶିକ୍ଷକଙ୍କୁ ଏହି ଅତିରିକ୍ତ ଦାୟିତ୍ୱରୁ ମୁକ୍ତି ଦେବାକୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଜିଲ୍ଲାର ହଷ୍ଟେଲଗୁଡ଼ିକର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି । ପାନୀୟ ଜଳର ଅଭାବ, ଅଚଳ ସୋଲାର ସିଷ୍ଟମ, ବିପଦଜନକ ବିଦ୍ୟୁତ ସଂଯୋଗ ଓ ଭାଙ୍ଗି ପଡ଼ିଥିବା ଶୌଚାଳୟ ଟାଙ୍କି ପିଲାଙ୍କ ପାଇଁ ମରଣଯନ୍ତା ପାଲଟିଛି । ଗୋଟିଏ ବେଡ୍‌ରେ ଦୁଇଜଣ ଛାତ୍ର ଶୋଉଥିବାବେଳେ ଗଣିତ, ଇଂରାଜୀ ଭଳି ମୁଖ୍ୟ ବିଷୟରେ ଶିକ୍ଷକଙ୍କ ଘୋର ଅଭାବ ରହିଛି । ଭିତ୍ତିଭୂମିର ବିକାଶପାଇଁ ସମସ୍ତ ପିଏ, ଆଇଟିଡିଏ ଓ ଜିଲ୍ଲା ପ୍ରଶାସନ ଉତ୍ତରଦାୟୀ ଥିଲା ବେଳେ ଏହି ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କ ସ୍ତରୀୟ ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ତଦନ୍ତ କରିବାକୁ ସଂଘ ଦାବି କରିଛି । ସଂଘର ଅଭିଯୋଗ ଅନୁଯାୟୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ (ଏଡିଡବ୍ଲୁଓ) ଅଜୟ ଜେନା ଏକ ଭର୍ଚୁଆଲ ମିଟିଂରେ ଶିକ୍ଷକମାନଙ୍କୁ ଚୋର, ବଦମାସ କହିବା ସହ ଜୋତାରେ ପିଟିବା ଭଳି ଅତି ଅଶୋଭନୀୟ ଭାଷାରେ ଗାଳିଗୁଲଜ ଓ ଧମକ ଦେଇଛନ୍ତି । ଜଣେ ଦାୟିତ୍ୱବାନ ସରକାରୀ ଅଧିକାରୀଙ୍କ ଏତାଦୃଶ ଗୁଣ୍ଡାଗର୍ଦ୍ଦି ଓ ଶିକ୍ଷକ ସମାଜ ପ୍ରତି ଅସମ୍ମାନକୁ ସଂଘ ତୀବ୍ର ନିନ୍ଦା କରିବା ସହ ତାଙ୍କ ବିରୋଧରେ ତୁରନ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛି । ଏହି କାର୍ଯ୍ୟକ୍ରମ ସଭାପତି ଡିମ୍ପଲ କୁମାର ଦାସ ଉପ-ସଭାପତି ସୂର୍ଯ୍ୟନାରାୟଣ ଦେବ ପାତ୍ର ସାଧାରଣ ସମ୍ପାଦକ ଦୀପକ କୁମାର ସେଠୀ ଯୁଗ୍ମ ସମ୍ପାଦକ ଅଶ୍ୱିନୀ କୁମାର ବେହେରା ସାଂଗଠନିକ ସମ୍ପାଦକ ରଞ୍ଜନ କୁମାର ପ୍ରଧାନ କୋଷାଧ୍ୟକ୍ଷ ମାନସ କୁମାର ତ୍ରିପାଠୀ ମହିଳା ପ୍ରତିନିଧି ତେଜସ୍ୱିନୀ ନାୟକ ଉମା ଦେ ରାଜ୍ୟ ପ୍ରତିନିଧି ବସନ୍ତ କୁମାର ବେହେରା ଉପଦେଷ୍ଟା ମଣ୍ଡଳୀ ରାମ ଚନ୍ଦ୍ର ମାଝୀ ଦୀପକ କୁମାର ଦଣ୍ଡପାଟ ବଳରାମ ସ୍ୱାଇଁ ଭବାନୀ ଶଙ୍କର ବେହେରା ଗୁରୁପ୍ରସାଦ ମହାକୁଡ଼ ମିଡିଆ ସେଲ୍ ସୁଜିତ କୁମାର ହୋତା ପ୍ରଭୃତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ।






# ରୋଟାରୀ ଜିଲ୍ଲା ପ୍ରାନ୍ତପାଳଙ୍କ ଔପଚାରିକ ପରିଦର୍ଶନ

**ବାରିପଦା, ୫।୫ (ସମିସ):** ରୋଟାରୀ ଆନ୍ତର୍ଜାତିକ ଜିଲ୍ଲା ୩୨୬୨ର ପ୍ରାନ୍ତପାଳ ରୋଟାରିଆନ ମନୋଜ କୁମାର ତ୍ରିପାଠୀ ୫୭ ବର୍ଷ ପୁରାତନ ବାରିପଦା ରୋଟାରୀ କ୍ଲବକୁ ଔପଚାରିକ ପରିଦର୍ଶନରେ ଆସିଥିଲେ । ଏ ଉପଲକ୍ଷେ କ୍ଲବ ସଭାପତି ଭବାନୀ ଶଙ୍କର ସାହୁଙ୍କ ପୌରୋହିତ୍ୟରେ ସ୍ଥାନୀୟ ରୋଟାରୀ ଭବନରେ ଅନୁଷ୍ଠିତ ସର୍ବସାଧାରଣ ବୈଠକରେ ସେ ମୁଖ୍ୟଅତିଥି ଭାବେ ଯୋଗଦାନ କରି ରୋଟାରିଆନ, ରୋଟ୍ରାକ୍ଟର ଓ ଇଣ୍ଟ୍ରାକ୍ଟରଙ୍କୁ ବିଭିନ୍ନ ପ୍ରସଙ୍ଗରେ ମାର୍ଗଦର୍ଶନ କରିବା ସହିତ ସ୍ଥାନୀୟ ସମସ୍ୟା ଓ ଆବଶ୍ୟକତାକୁ ଭିତ୍ତି କରି ନିଷ୍କାମ ସେବା ପ୍ରଦାନ କରିବା ପାଇଁ ନିବେଦନ କରିଥିଲେ । ସମ୍ପାଦକ ତିମିର କୁମାର ଘୋଷ ଚଳିତ ବର୍ଷ ସମ୍ପାଦିତ ହୋଇଥିବା କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ । ପ୍ରାନ୍ତପାଳଙ୍କ ପରିଦର୍ଶନ ଉପଲକ୍ଷେ କ୍ଲବର ପତ୍ରିକା ସମ୍ପାଦକ ସନ୍ଦୀପ କୁମାର ଚାନ୍ଦଙ୍କ ସମ୍ପାଦନାରେ ପ୍ରକାଶିତ ହୋଇଥିବା ସ୍ମରଣିକା 'ମେଘାସନୀ'ର ସ୍ୱତନ୍ତ୍ର ସଂସ୍କରଣ ପ୍ରାନ୍ତପାଳଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । କ୍ଲବର ପ୍ରାକ୍ତନ ସଭାପତି ଅରୁଣ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଭୁପ୍ରସାଦ ଦାସ ନୂତନ ସଦସ୍ୟଙ୍କ ପରିଚୟ ପ୍ରଦାନ କରିବା ସହିତ ସେମାନଙ୍କୁ ସ୍ୱାଗତ କରିଥିଲେ । ଡକ୍ଟର ଶଶାଙ୍କ ଶେଖର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।




ପ୍ରାନ୍ତପାଳଙ୍କ ଦ୍ୱାରା କ୍ଲବର ଆବଶ୍ୟକ ଦଲିଲ, କାଗଜପତ୍ର, ଆୟବ୍ୟୟ ଓ ସମ୍ପାଦିତ କାର୍ଯ୍ୟକ୍ରମର ସମୀକ୍ଷା ସମୟରେ ସଭାପତି ଓ ସମ୍ପାଦକଙ୍କ ସହିତ କ୍ଲବ ନିର୍ଦ୍ଦେଶକ ମଣ୍ଡଳୀର ରବୀନ୍ଦ୍ର ନାଥ ମହାପାତ୍ର, ସୁବାସ ଚନ୍ଦ୍ର ସାହୁ, ଡ ପୁଷ୍ପା ପାତ୍ର, ବୀରେନ୍ଦ୍ର ନାଥ ସାହୁ, ସୁନୀତ ପୁରି, ଗଣେଶ ଚନ୍ଦ୍ର ଦାସ, ପ୍ରଶାନ୍ତ କୁମାର ଜେନା, ସରୋଜ କୁମାର ଦାସ, ମୋହନ ବର୍ଣ୍ଣୱାଲ, ଶ୍ୟାମଳ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷାରେ ରାଜ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିର ଛାତ୍ର ପାର୍ଥସାରଥୀ ମହାନ୍ତଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାନ୍ତପାଳ ବାରିପଦାରେ ପହଞ୍ଚିବା ପରେ ଗାଙ୍ଗରାଜସ୍ଥ ନିର୍ମଳ ହୃଦୟ ଭିନ୍ନକ୍ଷମ ପ୍ରତିଷ୍ଠାନରେ ପ୍ରଶାନ୍ତ କୁମାର ଜେନା ଓ ସୁନୀତ ପୁରୀଙ୍କ ତତ୍ତ୍ୱାବଧାନରେ କ୍ଲବ ପକ୍ଷରୁ ସମ୍ପାଦିତ ହୋଇଥିବା ଅନ୍ନପୂର୍ଣ୍ଣା କାର୍ଯ୍ୟକ୍ରମ, ବୃକ୍ଷରୋପଣ କାର୍ଯ୍ୟକ୍ରମ ଓ ଫିନାଇଲ ବଣ୍ଟନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ବାରିପଦା ରୋଟ୍ରାକ୍ଟ କ୍ଲବ ପକ୍ଷରୁ ରୋଟାରୀ ଭବନରେ ଶିଶୁମାନଙ୍କ ପାଇଁ ଅନୁଷ୍ଠିତ ହେଉଥିବା ଗ୍ରୀଷ୍ମକାଳୀନ ଶିବିରକୁ ଉଦଘାଟନ କରିଥିଲେ ।

**● ଓକିଲାତିରେ ୫୦ ବର୍ଷ ପୂରଣ**

# ଆଇନଜୀବୀ ପ୍ରଦୀପ ରଥଙ୍କୁ ସମ୍ବର୍ଦ୍ଧନା



**ବାରିପଦା, ୫।୫ (ସମିସ):** ଜିଲ୍ଲା ଓକିଲ ସଂଘର ପୂର୍ବତନ ସଭାପତି ପ୍ରଦୀପ କୁମାର ରଥଙ୍କ ଓକିଲାତିରେ ୫୦ବର୍ଷ ପୂରଣ ଉପଲକ୍ଷେ ସଂଘର ପାଠାଗାରରେ ସମ୍ବର୍ଦ୍ଧନା ଦିଆଯାଇଛି । ମୁଖ୍ୟଅତିଥି ଜିଲ୍ଲା ଓ ଦୌରା ଜଜ ସୁଦୀପ୍ତ କୁମାର ଆଚାର୍ଯ୍ୟ ତାଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି । ବର୍ତ୍ତମାନର ସଭାପତି ଜ୍ୟୋତି ପ୍ରକାଶ ରଥ ସ୍ୱାଗତ ଭାଷଣ ରଖିଥିବାବେଳେ ପୂର୍ବତନ ସଭାପତି ବିଭୁପ୍ରସାଦ ଦାସ ସମ୍ବର୍ଦ୍ଧନା ପାଠ କରିଥିଲେ । ସମ୍ପାଦକ ବିପ୍ଳବ ବାରିକ ସମ୍ବର୍ଦ୍ଧିତ ପ୍ରତିଭା ପ୍ରଦୀପ କୁମାର ରଥଙ୍କ ଓକିଲାତି ଜୀବନ ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ । ଶ୍ରୀ ରଥ ତାଙ୍କର ୫୦ ବର୍ଷ ଓକିଲାତି ଅଭିଜ୍ଞତା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ସଭାରେ ଉପସ୍ଥିତ ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ସୁମନ କୁମାର ମିଶ୍ର, ସିଭିଲ କୋର୍ଟ ରେଜିଷ୍ଟ୍ରାର ସ୍ମୃତିସ୍ନିଗ୍ଧା ଦାସ, ସଂଘର ଉପସଭାପତି ସତ୍ୟବ୍ରତ ଦାଶ, ଯୁଗ୍ମସମ୍ପାଦକ ସ୍ୱରୂପ କୁମାର ମିଶ୍ର, କୋଷାଧ୍ୟକ୍ଷ ପଦ୍ମଲୋଚନ ମହାନ୍ତ, ଯୁଗ୍ମସମ୍ପାଦକ (ପାଠଗାର) କୃଷ୍ଣଚନ୍ଦ୍ର ମହାନ୍ତି, ଯୁଗ୍ମସମ୍ପାଦକ (ପ୍ରଶାସନ) ପଙ୍କଜ ମହାକୁଡ଼, କାର୍ଯ୍ୟକାରୀ ସଦସ୍ୟ ସସ୍ମିତା ଘୋଷାଲ, ସ୍ୱପ୍ନା ମହାନ୍ତି, ରୂପଶ୍ରୀ ବାରିକ, ମଧୁସ୍ମିତି ସେଠୀ, ଦେବରାଜ ମିଶ୍ର, ଗୌତମ ଶଙ୍କର ରାୟ ଓ ବରିଷ୍ଠ, କନିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ ।

# ଏମ୍ଏସ୍‌ସିବିୟୁ ବିଶ୍ୱବିଦ୍ୟାଳୟ +୩ ଷଷ୍ଠ ସେମିଷ୍ଟାର ସ୍ନାତକ ପରୀକ୍ଷା ଫଳ ଆଜି

**ବାରିପଦା, ୫।୫ (ସମିସ):** ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ (ଏମ୍ଏସ୍‌ସିବିୟୁ) ପକ୍ଷରୁ +୩ ଷଷ୍ଠ ସେମିଷ୍ଟାର ସ୍ନାତକ (ରେଗୁଲାର/ବ୍ୟାକ୍) ପରୀକ୍ଷା-୨୦୨୬ର ଫଳ ଆସନ୍ତାକାଲି ବୁଧବାର ଅପରାହ୍ନ ୪ଟାରେ ପ୍ରକାଶ ପାଇବ । ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ପତ୍ରରେ ଏହି ସୂଚନା ଦିଆଯାଇଛି । ଫଳ ପ୍ରକାଶ ଉପଲକ୍ଷେ ବିଶ୍ୱବିଦ୍ୟାଳୟର ଉପାଚାର୍ଯ୍ୟ ସମ୍ମିଳନୀ କକ୍ଷରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଛାତ୍ରଛାତ୍ରୀ ଫଳ ପ୍ରକାଶ ପରେ ବିଶ୍ୱବିଦ୍ୟାଳୟର ଅଫିସିଆଲ୍ ୱେବସାଇଟ୍ କିମ୍ବା ନିଜ କଲେଜ ମାଧ୍ୟମରେ ଫଳ ଜାଣିପାରିବେ ।

**ଅସୁରକ୍ଷିତ ଅବସ୍ଥାରେ ବ୍ଲକ୍‌ର ସମସ୍ତ କାର୍ଯ୍ୟାଳୟ**

# ଛାତରୁ ଖସୁଛି ପ୍ଲାଷ୍ଟର, କର୍ମଚାରୀଙ୍କ ଜୀବନ ପ୍ରତି ବିପଦ

**ମହୁଲଡିହା, ୫।୫ (ସମିସ):**

ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକର ବହୁ କାର୍ଯ୍ୟାଳୟ ଅସୁରକ୍ଷିତ ଅବସ୍ଥାରେ ଚାଲିଛି । ସରକାରୀ କାର୍ଯ୍ୟାଳୟ ଛାତରୁ ପ୍ଲାଷ୍ଟର ଖସୁଛି । ବିପଦସଙ୍କୁଳ ଅବସ୍ଥାରେ କାମ କରୁଛନ୍ତି ସରକାରୀ କର୍ମଚାରୀ । ଏଭଳି ଦୟନୀୟ ସ୍ଥିତି ଦେଖିବାକୁ ମିଳିଛି ଠାକୁରମୁଣ୍ଡା ବ୍ଲକ ପରିସରରେ ଥିବା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ କାର୍ଯ୍ୟାଳୟ, ସାମାଜିକ ସୁରକ୍ଷା ଅଧିକାରୀ, ବ୍ଲକ ଯୋଗାଣ ଅଧିକାରୀ ଓ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ । ଛାତରୁ ପାଣି ଗଳୁଥିବାବେଳେ ପ୍ଲାଷ୍ଟର ଖସୁଛି । ଏସବୁ ବିପଦପୂର୍ଣ୍ଣ କାର୍ଯ୍ୟାଳୟକୁ ନବୀକରଣ କରାଯିବାକୁ ଦାବି ହେଉଛି ।

ଏଠାରେ ବ୍ଲକ କର୍ମଚାରୀଙ୍କ କାର୍ଯ୍ୟାଳୟ ଦେଖିଲେ ଜଣାପଡୁଛି, ଲୋକଙ୍କ ସରକାରର ତତ୍ପରତା କେତେ? ବିଭିନ୍ନ ସମୟରେ ଏହି କାର୍ଯ୍ୟାଳୟକୁ ବିଭିନ୍ନ ସମସ୍ୟା ନେଇ ଶହଶହ ଜନସାଧାରଣ ଆସିଥା'ନ୍ତି । ଯଦି କାହା ଉପରେ ଅତଡ଼ା ଖସି ପଡ଼ିବ ସେଥିପାଇଁ ଦାୟୀ କିଏ ରହିବେ । କର୍ମଚାରୀମାନେ ନିଜେ ଅସୁରକ୍ଷିତ ଭାବେ ରହି ଅନ୍ୟମାନଙ୍କୁ ସେବା ଯୋଗାଇବା କେତେ ଦିନ ସମ୍ଭବ ହେବ । ସେହିପରି ବ୍ଲକ ପରିସରରେ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଥିବା ପାଇଖାନାଟି ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ମରାମତି ଅଭାବରୁ ଭୂତକୋଠି ପାଲଟିଥିବା 'ସକାଳ' ଖବରକାଗଜରେ ପ୍ରକାଶ ପାଇଥିଲା । ବାରମ୍ବାର ଏକାଧିକ ଗଣମାଧ୍ୟମରେ ପ୍ରକାଶ ପାଇଲେ ମଧ୍ୟ ତାହାର ମରାମତି କରାଯାଉନାହିଁ । ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ କାର୍ଯ୍ୟାଳୟଗୁଡ଼ିକର ମରାମତି ଓ ସାଧାରଣ ଲୋକଙ୍କ ପାଇଁ ଶୌଚାଳୟ ଠିକ କରିବାକୁ ସର୍ବସାଧାରଣରେ ଦାବି ହେଉଛି ।





# ଆମ ପୁଲିସ ସମିତି ବୈଠକ

**କରଞ୍ଜିଆ, ୫।୫ (ସମିସ):** କରଞ୍ଜିଆ ଥାନାର ଭାରପ୍ରାପ୍ତ ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ସଭାପତିତ୍ୱରେ ଆମ ପୁଲିସ ସମିତିର ଏକ ବୈଠକ ଆୟୋଜିତ ହୋଇଛି । ଏହି ବୈଠକରେ ବହୁ ବରିଷ୍ଠ ନାଗରିକ ଓ ସ୍ଥାନୀୟ ଜନସାଧାରଣ ଯୋଗଦେଇ ସହରର ବିଭିନ୍ନ ସମସ୍ୟା ଉପରେ ମତାମତ ପ୍ରକାଶ କରିଥିଲେ । ବିଶେଷକରି ଦ୍ରୁତ ବାଇକ ଚାଳନା, ସାଂସ୍କୃତିକ କାର୍ଯ୍ୟକ୍ରମରେ ଉଚ୍ଚ ସ୍ୱରରେ ଡିଜେ ବ୍ୟବହାର ଓ ବିଭିନ୍ନ ସ୍ଥାନରେ ପରିବା ବିକ୍ରି ଯୋଗୁଁ ସୃଷ୍ଟି ହେଉଥିବା ଯାତାୟାତ ସମସ୍ୟା ନେଇ ଆଲୋଚନା ହୋଇଥିଲା । ଏହାର ସମାଧାନ ସ୍ୱରୂପ ପୁରୁଣା ବସ୍‌ଷ୍ଟାଣ୍ଡ ପଡ଼ିଆକୁ ପରିବା ଦୋକାନୀଙ୍କୁ ସ୍ଥାନାନ୍ତର କରିବା ପ୍ରସ୍ତାବ ଉଠିଥିଲା । ତେବେ ବରିଷ୍ଠ ନାଗରିକମାନେ ବିଶେଷତଃ ଡିଜେ ଶବ୍ଦ ଓ ଟ୍ରାଫିକ ସମସ୍ୟା ଯୋଗୁଁ ଦୈନିକ ଜୀବନରେ ପଡୁଥିବା ଅସୁବିଧା ବିଷୟରେ ଥାନା ଅଧିକାରୀଙ୍କୁ ଅବଗତ କରାଇ ଶୀଘ୍ର ପ୍ରଭାବୀ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଥିଲେ ।




# ମୁଖ୍ୟମନ୍ତ୍ରୀ କପ୍-୨.୦ରେ ଉଦ୍‌ଯାପନୀ ସମାରୋହ

**ବାଲେଶ୍ୱର, ୫।୫ (ସମିସ):** ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ରୀଡ଼ା ସଂଘ, ବାଲେଶ୍ୱର ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ଯୁକ୍ତ ଆନୁକୂଲ୍ୟରେ ଆୟୋଜିତ "ମୁଖ୍ୟମନ୍ତ୍ରୀ କପ୍-୨.୦' କ୍ରୀଡ଼ା ମହୋତ୍ସବର ଉଦଯାପନୀ ସମାରୋହ ସମାପ୍ତ ହୋଇଛି । ଗତ ଏପ୍ରିଲ ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଉତ୍ସବରେ ଖୋ-ଖୋ, ଭଲିବଲ୍, କବାଡି ଓ ଫୁଟବଲ୍ ଇତ୍ୟାଦି ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ସଫଳତାର ସହ ଆୟୋଜିତ ହୋଇଥିଲା । ଉଦଯାପନୀ ଅବସରରେ ଫୁଟବଲ୍ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବାଳକ ଓ ବାଳିକା ଉଭୟ ବିଭାଗରେ ଖେଳାଳିମାନେ ଉତ୍କୃଷ୍ଟ କ୍ରୀଡ଼ା କୌଶଳର ପ୍ରଦର୍ଶନ କରିଥିଲେ । ବାଳକ ବିଭାଗରେ ବାଲେଶ୍ୱର ଏଫ୍.ସି ଚାମ୍ପିଅନ ହୋଇଥିବାବେଳେ ତେଲିପାଳ ଏସ.ଏସ.ଡି ଏଫ୍.ସି ରନର୍ସ-ଅପ୍ ହୋଇଛନ୍ତି । ବାଳିକା ବିଭାଗରେ ତେଲିପାଳ ଏସ.ଏସ.ଡି ଏଫ୍. ସି ଚାମ୍ପିଅନ ହୋଇଥିବାବେଳେ ଝାଡ଼େଶ୍ୱର ଏଫ୍.ସି ରନର୍ସ-ଅପ୍ ହୋଇଛନ୍ତି । ଉଦଯାପନୀ ଉତ୍ସବରେ ସଦର ବି.ଡି.ଓ ଉତ୍ତମ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେଶ ପ୍ରିୟଦର୍ଶୀ, ସହକାରୀ ଜିଲ୍ଲାପାଳ ଅମ୍ଳାନ ନାୟକ ଓ ଜିଲ୍ଲା କ୍ରୀଡ଼ା ସଂଘର ସହ-ସାଧାରଣ ସମ୍ପାଦକ ତଥା ଓଡ଼ିଶା ଫୁଟବଲ୍ ସଂଘର ଉପ ସଭାପତି ପଦ୍ମଲୋଚନ ଲେଙ୍କା ଉପସ୍ଥିତ ଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା ଓ ପରିଚାଳନା କରିଥିଲେ ।



